ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

**News ID-IPR/COVID-19(OD)/ 1467/18-03-2021**

# ପ୍ରେସ୍ ବିବୃତି

ଭୁବନେଶ୍ୱର :୧୮ ମାର୍ଚ୍ଚ,୨୦୨୧

- ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ କୋଭିଡ୍-୧୯ର ବର୍ତ୍ତମାନ ସ୍ଥିତି ଏବଂ ଟିକାକରଣ ଅଭିଯାନ ନେଇ ମୁଖ୍ୟମନ୍ତ୍ରୀମାନଙ୍କ ସହିତ ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ଭର୍ଚୁଆଲ୍ ବୈଠକରେ ଯୋଗଦେଇ କହିଛନ୍ତି ଯେ ଓଡ଼ିଶାରେ ପ୍ରତିବର୍ଷ ଆମେ ବାତ୍ୟା ପରି ପ୍ରାକୃତିକ ବିପର୍ଯ୍ୟୟ ଦ୍ୱାରା ପ୍ରଭାବିତ ହେଉଛୁ ଏବଂ ଆମର ପ୍ରଶାସନିକ କଳ ଏହି ବିପଦସଂକୁଳ ପରିସ୍ଥିତିର ମୁକାବିଲା ନିମନ୍ତେ ସୁପ୍ରସ୍ତୁତ ରହିଛି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ କୋଭିଡ୍-୧୯ ଭୂତାଣୁ ବିଶ୍ୱର ସମସ୍ତ ଅଞ୍ଚଳକୁ ବ୍ୟାପିଯିବା ଫଳରେ ପ୍ରତିଟି ମଣିଷ ପାଇଁ ଅତ୍ୟନ୍ତ କଷ୍ଟକର ବର୍ଷ ଥିଲା । ସ୍ୱାସ୍ଥ୍ୟଗତ ସମସ୍ୟା ସାଙ୍ଗକୁ ଅର୍ଥନୀତି ଓ ଜୀବନଜୀବିକା ଉପରେ ଏହାର ପ୍ରଭାବ ଯୋଗୁଁ ବିଭିନ୍ନ ପରିବାର ଓ ସମାଜ କ୍ଷତିଗ୍ରସ୍ତ ହୋଇଛନ୍ତି ବୋଲି ସେ କହିଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହି କଠିନ ପରିସ୍ଥିତିରେ ଆମର ସ୍ୱାସ୍ଥ୍ୟକର୍ମୀ ଓ ପ୍ରଶାସନିକ ବ୍ୟବସ୍ଥା ନିରନ୍ତର ଭାବେ କାର୍ଯ୍ୟ କରୁଛନ୍ତି । ସୌଭାଗ୍ୟରୁ ଓଡ଼ିଶାବାସୀଙ୍କ ସହଯୋଗରେ ଆମେ ସଂକ୍ରମଣକୁ ନିୟନ୍ତ୍ରଣ କରିବାରେ ସମର୍ଥ ହୋଇଛୁ ଏବଂ ଏହାଦ୍ୱାରା ହେଉଥିବା କ୍ଷତିକୁ ବହୁପରିମାଣରେ ହ୍ରାସ କରିପାରୁଛୁ ବୋଲି ସେ କହିଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଟିକାକରଣ ଯୋଗୁଁ ମହାମାରୀ ଖୁବ୍ ଶୀଘ୍ର ଶେଷ ହେବ ବୋଲି ନାଗରିକମାନଙ୍କ ମନରେ ଆଶା ଜାଗ୍ରତ ହୋଇଛି । ଏତେ କମ୍ ସମୟ ମଧ୍ୟରେ ଟିକା ଉଦ୍ଭାବନ କରିଥିବାରୁ ଆମେ ବୈଜ୍ଞାନିକ ଗୋଷ୍ଠୀଙ୍କ ପ୍ରତି କୃତଜ୍ଞ । ଏହା ଗୌରବର ବିଷୟ ଯେ ଭାରତ ଟିକା ଉତ୍ପାଦନର ନେତୃତ୍ୱ ନେଇଛି ବୋଲି ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଟିକାକରଣ କାର୍ଯ୍ୟକ୍ରମକୁ ବ୍ୟାପକ କରିବା ପାଇଁ ଘରୋଇ କ୍ଷେତ୍ରଗୁଡ଼ିକୁ ନିୟୋଜିତ କରିବାର ଆବଶ୍ୟକତା ରହିଛି । କୋଭିଡ୍-୧୯ର ବିଭିନ୍ନ ସଂସ୍କରଣର ସଂକ୍ରମଣ ଅନେକ ଦେଶ ତଥା ଭାରତର ଅନେକ ରାଜ୍ୟରେ ମଧ୍ୟ ବାସ୍ତବରେ ଦେଖାଦେଉଥିବାରୁ ଆମକୁ ଅଧିକ ଯତ୍ନଶୀଳ ହେବାକୁ ପଡ଼ିବ । ଆମେମାନେ ପୁଣି ଲକ୍‌ଡାଉନ୍ ଯୁଗକୁ ଫେରି ପାରିବୁ ନାହିଁ ବୋଲି ସେ କହିଛନ୍ତି ।

**'ମାସ୍କ ପିନ୍ଧନ୍ତୁ, ସୁରକ୍ଷିତ ରୁହନ୍ତୁ'**

- ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏଥି ସହିତ ନବୀକୃତ ଉଦ୍ୟମ ମାଧ୍ୟମରେ ଭୂତାଣୁ ନିୟନ୍ତ୍ରଣ ହୋଇପାରିବ ବୋଲି ଆମକୁ ସୁନିଶ୍ଚିତ କରିବାକୁ ପଡ଼ିବ । ଏକ ଜନସଂଖ୍ୟାବହୁଳ ଦେଶ ଭାବରେ ଗୋଷ୍ଠୀ ରୋଗପ୍ରତିରୋଧକ ଶକ୍ତି ହାସଲ ଏକ ଦୀର୍ଘ ପ୍ରକ୍ରିୟା ହେବ ଏବଂ ଆମ ସମସ୍ତଙ୍କୁ ଅତ୍ୟନ୍ତ ସତର୍କ ରହିବାର ଆବଶ୍ୟକତା ରହିଛି । ଏହି ସଂଗ୍ରାମରେ ଆମେ ଭାରତ ସରକାରଙ୍କୁ ସମସ୍ତ ସମର୍ଥନ ଜାରି ରଖିବୁ ବୋଲି ସେ କହିଛନ୍ତି ।

➢ ମାନ୍ୟବର ମୁଖ୍ୟମନ୍ତ୍ରୀ ବହୁସଂଖ୍ୟାରେ ବାର୍ଷିକ ପ୍ରଜନନ ପାଇଁ ଓଡ଼ିଶା ଉପକୂଳକୁ ଆସୁଥିବା ଓଲିଭ୍ ରିଡ୍‌ଲେ କଇଁଚମାନଙ୍କୁ ସ୍ୱାଗତ କରିବା ପାଇଁ ଆହ୍ୱାନ ଦେଇଛନ୍ତି । ମାନ୍ୟବର ମୁଖ୍ୟମନ୍ତ୍ରୀ ବିଲୁପ୍ତପ୍ରାୟ ପ୍ରଜାତିର ସଂରକ୍ଷଣ ସହ ସେମାନଙ୍କ ପ୍ରାକୃତିକ ବାସସ୍ଥାନକୁ ସୁରକ୍ଷା ଦେବା ପାଇଁ ସମସ୍ତଙ୍କୁ ଆହ୍ୱାନ ଦେଇଛନ୍ତି ।

➢ ମାନ୍ୟବର ମୁଖ୍ୟମନ୍ତ୍ରୀ କିଶୋର ବୈଜ୍ଞାନିକ ପ୍ରୋତ୍ସାହନ ଯୋଜନା (କେଭିପିଓ୍ୱାଇ) ପରୀକ୍ଷାରେ ସର୍ବଭାରତୀୟ ସ୍ତରରେ ୧୩ତମ ସ୍ଥାନ ହାସଲ କରିବା ସହ ଓଡ଼ିଶାରେ ଶ୍ରେଷ୍ଠ ହୋଇଥିବାରୁ ଅତିଶ କୁମାର ସାହୁଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ମାନ୍ୟବର ମୁଖ୍ୟମନ୍ତ୍ରୀ ତାଙ୍କର ଏବଂ ଅନ୍ୟ ସଫଳ ବିଦ୍ୟାର୍ଥୀଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି ।

**ସର୍ବଶେଷ ସ୍ୱାସ୍ଥ୍ୟ ସୂଚନା**

- ଗତକାଲି ମଧ୍ୟରାତ୍ରି ସୁଦ୍ଧା ଓଡ଼ିଶାରେ ୮୭,୧୨,୧୧୭ ଟି ନମୁନା କୋଭିଡ୍-୧୯ ପରୀକ୍ଷା କରାଯାଇଛି ।
- ବର୍ତ୍ତମାନ ସୁଦ୍ଧା ସମୁଦାୟ ୩,୩୮,୪୮୯ ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି ।
- ୩,୩୫, ୮୫୭ ଜଣ ରୋଗୀ ସଂପୂର୍ଣ୍ଣ ସୁସ୍ଥ ହୋଇଛନ୍ତି/ଡାକ୍ତରଖାନାରୁ ଫେରିଛନ୍ତି ।
- ୧୯୧୮ ଜଣ କୋଭିଡ୍-୧୯ ରୋଗୀଙ୍କର ମୃତ୍ୟୁ ହୋଇଛି ।
- ସକ୍ରିୟ ଥିବା ସଂକ୍ରମିତଙ୍କ ସଂଖ୍ୟା ୬୬୧ ରହିଛି ।
- ୬୬୧ ଜଣ ହସ୍‌ପିଟାଲ୍ ଆଇସୋଲେସନ୍‌ରେ ରହିଛନ୍ତି ।

ମାନସ ରଞ୍ଜନ ଖୁଣ୍ଟିଆ
ସୂଚନା ଅଧିକାରୀ

**'ମାସ୍କ ପିନ୍ଧନ୍ତୁ, ସୁରକ୍ଷିତ ରୁହନ୍ତୁ'**